# Akruti-English Phonetic

I CAN Publication

କମ୍ପ୍ୟୁଟରରେ ଓଡିଆ ଭାଷାରେ ଟାଇପ୍ କରିବାକୁ ହେଲେ ପ୍ରଥମେ ଆପଣଙ୍କୁ ଏହାର ସଫ୍ଟୱେର ଲୋଡ୍ କରିବାକୁ ହେବ। ଏହି ପୁସ୍ତକରେ ଯେଉଁ ସଫ୍ଟୱେରରେ ଅଭ୍ୟାସ କରିବା ପାଇଁ କୁହାଯାଇଛି, ତାହା ହେଉଛି ଆକୃତି ସଫ୍ଟୱେର। ଏହାକୁ ଆପଣ ନିକଟସ୍ଥ କମ୍ପ୍ୟୁଟର ଦୋକାନରେ କିମ୍ବା କୌଣସି ମେକାନିକ୍‌ଙ୍କୁ କହିଲେ ସେ ଏହାକୁ ଆପଣଙ୍କ କମ୍ପ୍ୟୁଟରରେ ଲୋଡ୍ କରିଦେଇପାରିବେ।

ଲୋଡ୍ ହେବା ପରେ ଏହାର ଏକ ଛୋଟ ଆଇକନ୍ ଆପଣଙ୍କ ଡେକ୍ସଟପରେ ଦେଖିପାରିବେ। ଏହାକୁ ମାଉସରେ ଡବଲ୍ କ୍ଲିକ୍ କିମ୍ବା ରାଇଟ୍ କ୍ଲିକ୍ କରି Open ରେ କ୍ଲିକ କଲେ ଏହା ଚାଲୁ ହୋଇଥାଏ। ଚାଲୁହେବା ପରେ ଲକ୍ଷ୍ୟ କରନ୍ତୁ ଯେ ଏହା ଆପଣଙ୍କ ଡେକ୍ସଟପର ଉପରେ ଦୃଷ୍ଟିଗୋଚର ହେବ। ତାହାର ଚିତ୍ରକୁ ନିମ୍ନରେ ଦେଖନ୍ତୁ –





ତେବେ ଏହାମଧ୍ୟ ମନେରଖନ୍ତୁ ଯେ ଖାଲି ଆକୃତିକୁ ଚାଲୁ କରିଦେଲେ ଏହା ଚାଲୁ ହୋଇଯିବ, ଏହା ନୁହେଁ। ଆକୃତି ଖୋଲିଲା ପରେ କି ବୋର୍ଡରେ ଥିବା ଏକ ବଟନ୍ 'Scroll Lock' କୁ ମଧ୍ୟ ଥରେ ଚିପିବା ପାଇଁ ପଡିବ। ତେବେ ଯାଇ ଏହା 'ON' ହେବ। ପୁଣି ସେଇ 'Scroll Lock' କୁ ଆଉଥରେ ଚିପିଦେଲେ ଏହା 'Off' ହୋଇଥାଏ।

ଓଡିଆ ଭାଷାରେ ଟାଇପ୍ କରିବା ସାଧାରଣତଃ ପ୍ରେସ୍ ଲାଇନରେ ବେଶି ହୋଇଥାଏ। ଯଥା ଦୈନିକ ଖବରକାଗଜ, ଓଡିଆରେ ବିଭିନ୍ନ ପ୍ରକାର ଗପ ଓ କବିତା ପୁସ୍ତକ ଲେଖିବା ପାଇଁ ଓଡିଆ ଟାଇପ୍ ଶିଖିବା ଆବଶ୍ୟକ ହୋଇଥାଏ। ତେବେ ଏହାବାଦ୍ ଯଦି ଜଣେ ଓଡିଆ ଟାଇପ୍ ଭଲଭାବରେ ଶିଖିଯାଏ, ତେବେ ପବ୍ଲିସିଂ, ପ୍ରିଣ୍ଟିଂ ଲାଇନରେ ନିଯୁକ୍ତି ପାଇବାର ଶତପ୍ରତିଶତ ସମ୍ଭାବନା ସବୁବେଳେ ରହିବ।

I CAN Publication

## Akruti-English Phonetic

ଓଡିଆରେ ଟାଇପ୍ କରିବା ପାଇଁ ହେଲେ ପ୍ରଥମେ ଆମକୁ ଜାଣିବାକୁ ହେବ ଯେ କେଉଁ ଆଲଫାବେଟ ଚିପିଲେ କେଉଁ ଓଡିଆ ଅକ୍ଷର ବାହାରିବ। ମନେକରନ୍ତୁ A ମାରିଲେ କଣ ଓଡିଆ ଅକ୍ଷର ବାହାରିବ, B ମାରିଲେ କଣ ବାହାରିବ ଇତ୍ୟାଦି ଇତ୍ୟାଦି। ଏହିପରି ଓଡିଆରେ ଟାଇପ୍ କରିବା ପାଇଁ ଆକୃତିରେ ୬ଟି ଅପସନ୍ ଥାଏ। ଏହି ଅପସନ୍ ଗୁଡିକ Layout ଭିତରେ ଥାଏ, ସେଗୁଡିକ ହେଉଛି - Doe Inscript, Akruti-English Phonetic, Type-writer, Akruti-Phonetic 86, Shree-Lipi, Shabdratna (ତଳ ଚିତ୍ର ଦେଖନ୍ତୁ)




ଏହା ମଧ୍ୟରୁ Akruti English Phonetic ରେ ଟାଇପ୍ କରିବା ସବୁଠାରୁ ସହଜ ଅଟେ। ତେଣୁ ଆପଣଙ୍କର ଯଦି ଇଂରାଜୀରେ ଟାଇପ୍ କରିବାର ଅଭ୍ୟାସ ଅଛି ତେବେ ଏହି English Phonetic ରେ ଓଡିଆ ଟାଇପ୍ କରିବା ପାଇଁ ଆପଣଙ୍କୁ ବହୁତ ସହଜ ଲାଗିବ। ଏଠାରେ A ମାରିଲେ 'ଅ', B ମାରିଲେ 'ବ', C ମାରିଲେ 'ଚ', D ମାରିଲେ 'ଦ' ଇତ୍ୟାଦି ଓଡିଆ ଅକ୍ଷର ଲେଖିହେବ। ସେହିପରି 'ଏ-କାର' ପାଇଁ E, 'ଇ-କାର' ପାଇଁ i ଇତ୍ୟାଦି ଟାଇପ୍ କରିବାକୁ ହେବ।

# Akruti-English Phonetic

I CAN Publication

ଏହି Layout ୯୫% ଇଂରାଜୀରେ ଟାଇପ୍ କରିବା ଟେକନିକ୍ ସହିତ ସମାନ। ତାହା ହେଉଛି Akruti - English Phonetic।

ଏହାର କି ବୋର୍ଡ ଡିସ୍‌ପ୍ଲେ ନିମ୍ନରେ ଦେଖନ୍ତୁ –




ଗୋଟିଏ କଥା ମନେରଖନ୍ତୁ। ଓଡିଆରେ କେତେକ ଅକ୍ଷର ଲେଖିବା ପାଇଁ କି ବୋର୍ଡରେ Shift ବଟନ୍ ବ୍ୟବହାର କରିବାକୁ ହେବ।

ଏହି ଅକ୍ଷର ଗୁଡିକ ହେଲା ଯଥାକ୍ରମେ – ଖ, ଘ, ଛ, ଝ, ଠ, ଢ, ଣ, ଥ, ଧ, ଭ, ଯ, ଳ, କ୍ଷ ଇତ୍ୟାଦି। ସେହିପରି ଯୁକ୍ତାକ୍ଷର ପାଇଁ ଏଠାରେ ଲିଙ୍କ୍ ଦିଆଯାଇଛି F ବଟନକୁ। ଯେକୌଣସି ଯୁକ୍ତାକ୍ଷର ପାଇଁ F ବଟନ ବ୍ୟବହାର କରିବାକୁ ହେବ। ଉଦାହରଣ ସ୍ୱରୂପ –

'କ୍ତ' (କ+ତ=କ୍ତ), k+f+t = କ୍ତ

'କ୍ଲ' (କ+ଲ=କ୍ଲ), k+f+l = କ୍ଲ

'କ୍ର' (କ+ର=କ୍ର), k+f+r = କ୍ର

'ର୍କ' (ର+କ=ର୍କ), r+f+k = ର୍କ

I CAN Publication

# ଣ୍ଟ ଙ ଊ ଦେଖାଯାଏ ନାହିଁ କାହିଁକି ?

ଆପଣ ଯଦି Window 7 ଅପରେଟିଙ୍ଗ୍ ସିଷ୍ଟମ ବ୍ୟବହାର କରୁଛନ୍ତି, ତେବେ 'ଙ' 'ଊ' ଏବଂ 'ଣ୍ଟ' ଏହି ତିନୋଟି ଅକ୍ଷର ଦେଖାଯାଏ ନାହିଁ। କିନ୍ତୁ ଯଦି ଆପଣ Akrutiorisarala06 ଫଣ୍ଟ୍ ଇନଷ୍ଟଲ କରିଛନ୍ତି ବା ବ୍ୟବହାର କରୁଛନ୍ତି ତେବେ ଏଥିରେ ଏହି ତିନୋଟି ଅକ୍ଷର ଟାଇପ୍ କରିହେବ। XP ଅପରେଟିଙ୍ଗ୍ ସିଷ୍ଟମ ବ୍ୟବହାର କରୁଥିଲେ ଏ ସମସ୍ୟା ହୁଏ ନାହିଁ।

ତେଣୁ 'ଙ' ଲେଖିବା ପାଇଁ Scroll Luck Off କରି Shift+8 ବ୍ୟବହାର କରିପାରିବେ ଓ 'ଣ୍ଟ' ଲେଖିବା ପାଇଁ Scroll Luck Off କରି Shift+, (ବା ସିଫ୍ଟ ଏବଂ କମା) ବ୍ୟବହାର କରିବେ।

| | | | |
|---|---|---|---|
| ଅ = A | ଆ = Aa | ଇ = z | ଈ = Z |
| ଉ = q | ଊ = Q | ଏ = w | ଐ = W |
| ଓ = ` | ଔ = ~ | ଂ = x | ଁ = X |
| ୃ = = | < = shift+7 | େ = e | |
| କ = k | ଖ = K | ଗ = g | ଘ = G |
| ଙ =shift+8 | ଚ = c | ଛ = C | ଜ = j |
| ଝ = J | ଞ =shift+ - | ଟ = ' | ଠ = shift+' |


I CAN Publication

| | | | |
|---|---|---|---|
| ଡ = [ | ଢ = shift+[ | ଣ = N | ତ = t |
| ଥ = T | ଦ = d | ଧ = D | ନ = n |
| ପ = p | ଫ = P | ବ = b | ଭ = B |
| ମ = m | ଯ = F | ୟ = y | ର = r |
| ଲ = l | ଳ = L | ଶ = S | ଷ = H |
| ସ = s | | | |

ଏଠାରେ ଯେଉଁ କ୍ୟାପିଟାଲ୍ ଲେଟର ଆପଣ ଦେଖୁଛନ୍ତି, ଯଥା - N,T,D,P,B,F ଇତ୍ୟାଦି ସେଥିପାଇଁ କି ବୋର୍ଡରେ Cops Lock ବଟନ୍‌କୁ ଅନ୍ କରିବା ଦରକାର ନାହିଁ, କାରଣ ଏଥିରେ Cops Lock ବଟନକୁ ଅନ୍ କିମ୍ବା ଅଫ୍ ସହିତ କୌଣସି ସମ୍ପର୍କ ନଥାଏ। ଆପଣଙ୍କୁ କେବଳ Shift ବଟନକୁ ଚିପି ଧରି ଅକ୍ଷର ଟାଇପ୍ କରିବାକୁ ହେବ।

**ମନେରଖନ୍ତୁ**

ଏଠାରେ 'ଓ' ଲେଖିବା ପାଇଁ କି ବୋର୍ଡର ଏହି ଗୋଲେଇ ଚିହ୍ନିତ ବଟନକୁ ମାରିବାକୁ ହେବ। ଏହାକୁ କୁହାଯାଏ 'କନ୍‌ସୋଲ' କି।



I CAN Publication

## ଗୁରୁତ୍ୱପୂର୍ଣ୍ଣ କଥା ମନେରଖନ୍ତୁ

ଏଠାରେ ଯେଉଁଠି କ୍ୟାପିଟାଲ ଲେଟର ଦେଖୁଛନ୍ତି, ସେଥିପାଇଁ କି ବୋର୍ଡରେ Caps Lock ବଟନ୍ ବ୍ୟବହାର କରିବା ଦରକାର ନାହିଁ। ଏହା ବଦଳରେ କି ବୋର୍ଡରେ ଥିବା Shift ବଟନ୍ ପ୍ରେସ୍ କରିବାକୁ ହେବ।

ଅର୍ଥାତ ଯଦି 'ଣ' ଲେଖିବାକୁ ଚାହୁଁଛନ୍ତି, ତେବେ ଏକାସାଂଗରେ Shift+n ମାରିଲେ ଆପେ ଆପେ 'ଣ' ଲେଖିହୋଇଯାଏ।

ସେହିପରି ଯଦି 'କ' ଲେଖିବାକୁ ଚାହୁଁଛନ୍ତି, ତେବେ କେବଳ 'k' ମାରିବାକୁ ହେବ। କିନ୍ତୁ 'ଖ' ଲେଖିବାକୁ Shift+k ମାରିବାକୁ ହେବ।

ସୁତରାଂ ଆଗକୁ ଯେଉଁ ସ୍ଥାନରେ କ୍ୟାପିଟାଲ୍ ଲେଟର ଲେଖିବା ପାଇଁ ସୂଚିତ କରାଯାଇଛି ସେଠାରେ ଆପଣଙ୍କୁ Shift ବ୍ୟବହାର କରିବାକୁ ହେବ।

---

ମନେରଖନ୍ତୁ ଏଠାରେ ଓଡିଆରେ କେତୋଟି ଅକ୍ଷର ଯଥା –

**ଙ୍କ, ଙ୍ଖ, ଙ୍ଗ, ଙ୍ଘ, ଞ୍ଚ, କ୍ଷ** ଏବଂ **ଓ୍ୱ** କିପରି ଟାଇପ୍ କରିବାକୁ ହେବ।

**ଙ୍କ** = *fk – ଏଠାରେ ଯେଉଁ ଷ୍ଟାର ଚିହ୍ନ ଦେଖୁଛନ୍ତି ସେଥିପାଇଁ Shift ଏବଂ 8 ମାରିବାକୁ ହେବ।

**ଙ୍ଖ** = *fK - ଏଠାରେ ଯେଉଁ କ୍ୟାପିଟାଲ 'କେ' (K) ଦେଖୁଛନ୍ତି ସେଥିପାଇଁ Shift ଏବଂ k ମାରିବାକୁ ହେବ।

**ଙ୍ଗ** = *fg – ସେହିପରି ଏଠାରେ 'ଙ୍କ' ଯେମିତି ଟାଇପ୍ କଲେ ସେହି ଉପାୟରେ 'ଙ୍ଗ' ଟାଇପ୍ କରିପାରିବେ। କେବଳ 'k' ଯାଗାରେ 'g' ମାରିବାକୁ ହେବ।

**ଙ୍ଘ** = *fG – 'ଙ୍ଗ' ଯେମିତି ଟାଇପ୍ କଲେ ସେହି ଉପାୟରେ 'ଙ୍ଘ' ମଧ୍ୟ ଟାଇପ୍ କରିପାରିବେ। କେବଳ 'g' ଯାଗାରେ 'G' (ଅର୍ଥାତ Shitf+g) ମାରିବାକୁ ହେବ।

**ଞ୍ଚ** = % – ଏହାକୁ ଲେଖିବା ପାଇଁ Shitf+5 ମାରିବାକୁ ହେବ।

**କ୍ଷ** = # – ଏହି 'କ୍ଷ' ଲେଖିବା ପାଇଁ Shitf+3 ମାରିବାକୁ ହେବ।

**ଓ୍ୱ** = ୍fb – ଓ୍ୱ

**(୍)** = \ (ବ୍ୟାକ୍ ସ୍ଲାସ)

I CAN Publication

# କ = k

କଁ = kX          କଂ = kx

| | | | |
|---|---|---|---|
| କା | = ka | କି | = ki |
| କୀ | = kI | କୁ | = ku |
| କୂ | = kU | କୃ | = k= |
| କେ | = ke | କୈ | = kE |
| କୋ | = ko | କୌ | = kO |

 © 'I CAN' Publication

I CAN Publication

# ଯୁକ୍ତାକ୍ଷର

| | | | |
|---|---|---|---|
| କ୍ୟ | = kY | କଃ | = k: |
| କ୍ର | = kfr | କ୍ଲ | = kfl |
| କ୍ଳ | = kfL | କ୍ବ | = kfb |
| କ୍ତ | = kft | କ୍ଟ | = k f ' |
| ର୍କ | = rfk | କ୍ସ | = kfs |
| ଙ୍କ | Shift+8fk | ତ୍କ | = tfk |

I CAN Publication

# ଖ = K

ଖଁ = KX, ଖ୍ର = KR, ଖଂ = Kx

| | | | |
|---|---|---|---|
| ଖା | = Ka | ଖି | = Ki |
| ଖୀ | = KI | ଖୁ | = Ku |
| ଖୂ | = KU | ଖୃ | = K= |
| ଖେ | = Ke | ଖୈ | = KE |
| ଖୋ | = Ko | ଖୌ | = KO |

I CAN Publication

# ଯୁକ୍ତାକ୍ଷର

| | | | |
|---|---|---|---|
| ଖ୍ୟ | = KY | ଖଃ | = K: |
| ର୍ଖ | = rfK | ଖ୍ବ | = Kfb |
| ଙ୍ଖ | = Shift+8fK | | |

ମନେରଖନ୍ତୁ ଯେ English Phonetic ଲେଆଉଟ୍‌ରେ ଓଡିଆ ଭାଷାରେ ଯୁକ୍ତାକ୍ଷର ଲେଖିବା ପାଇଁ କି ବୋର୍ଡରେ ଥିବା F ବଟନକୁ ଲିଙ୍କ୍ ଭାବେ ଗ୍ରହଣ କରାଯାଇଛି । ତେଣୁ ଯେକୌଣସି ଯୁକ୍ତାକ୍ଷର ଲେଖନ୍ତୁ ନାଁ କାହିଁକି F ବଟନକୁ ବ୍ୟବହାର କରିବାକୁ ପଡିବ । ମନେକରନ୍ତୁ ଆମେ ଲେଖିବା – କ୍ତ (କ ଯୁକ୍ତ ତ) ତେଣୁ କି ବୋର୍ଡରେ ମାରିବାକୁ ପଡିବ kft ।

**ହଲନ୍ତ୍ କିପରି କରିବେ**

ଯେକୌଣସି ଅକ୍ଷରର ହଲନ୍ତ୍ କରିବା ପାଇଁ ମଧ୍ୟ ଏହି F ବଟନକୁ ମାରିବାକୁ ପଡିବ । ଉଦାହରଣ – କ୍

kf ଏବଂ Space

I CAN Publication

# ଗ = g

ଗଁ = gX ଗଂ = gx

| | | | |
|---|---|---|---|
| ଗା | = ga | ଗି | = gi |
| ଗୀ | = gI | ଗୁ | = gu |
| ଗୂ | = gU | ଗୃ | = g= |
| ଗେ | = ge | ଗୈ | = gE |
| ଗୋ | = go | ଗୌ | = gO |

I CAN Publication

# ଯୁକ୍ତାକ୍ଷର

| | | | |
|---|---|---|---|
| ଗ୍ୟ | = gY | ଗ୍ୟା | = gYa |
| ଗ୍ର | = gfr | ଗ୍ଲ | = gfl |
| ଗ୍ଳ | = gfL | ଗ୍ବ | = gfb |
| ର୍ଗ | = rfg | ଗ୍ଧ | = gfD |
| ଙ୍ଗ | Shift+8fg | ଙ୍କ | = Shift+5 |

ଏହିସବୁ ଅକ୍ଷର ଗୁଡିକରେ ଆ'କାର, ଇ କାର, ଏ କାର ଇତ୍ୟାଦି ଲେଖିବାକୁ ଚାହିଁଲେ ପୂର୍ବପୃଷ୍ଠା ମୁତାବକ ନିର୍ଦ୍ଦେଶ ଅନୁସରଣ କରିବାକୁ ପଡିବ। ଉଦାହରଣ ସ୍ୱରୂପ – ଙ୍ଗି = Shift+8fgi